# ଓଡିଶା ସୂଚନା କମିଶନଙ୍କ ସୂଚନା ଶିବିର ନା ବିଭ୍ରାନ୍ତି ପ୍ରସାର ?

## ସରକାରଙ୍କ କାମ କମିଶନ୍ କଲେ

ପାଠକେ ଜାଣିଥିବେ, ରାଜ୍ୟ ସୂଚନା କମିଶନ୍ ନିକଟରେ ନିଜ ୱେବ୍‌ସାଇଟ୍‌ରେ ପ୍ରକାଶ କରିଥିବା ଫର୍ଦ୍ଦକିଆ ହିସାବ ଅନୁଯାୟୀ ୩୧.୧୦.୨୦୦୬ ସୁଦ୍ଧା ସେମାନେ ମୋଟ ୪୨ ଲକ୍ଷ ୫୮ ହଜାର ଟଙ୍କା କେବଳ ଜନ-ସଚେତନତା କାର୍ଯ୍ୟକ୍ରମ ପିଛା ଖର୍ଚ୍ଚ କରିସାରିଲେଣି । ଏହାପରେ ପୁଣି ଗତ ନଭେମ୍ବର ୧୦ରୁ ୧୯ ଭିତରେ ରାଜ୍ୟ ସୂଚନା କମିଶନଙ୍କ ପ୍ରତ୍ୟକ୍ଷ ଆର୍ଥିକ ଅନୁଦାନ ଓ ଦିଗ୍-ନିର୍ଦ୍ଦେଶ କ୍ରମେ ରାଜ୍ୟର ୩୦ଟି ଜିଲ୍ଲାର ସଦର ମହକୁମା ସମେତ କେତେକ ପ୍ରମୁଖ ସହର (ଭୁବନେଶ୍ୱର, ବ୍ରହ୍ମପୁର, ଜୟପୁର, ପାରାଦ୍ୱୀପ, ରାଉରକେଲା ଓ ତାଳଚେର) ରେ ଗୋଟିଏ ଲେଖାଏଁ ସୂଚନା ଶିବିର ଅନୁଷ୍ଠିତ ହୋଇଯାଇଛି, ଯାହାକୁ ଆୟୋଜନ କରିବାପାଇଁ କମିଶନ୍ ନିଜେ ମନମୁଖୀଭାବେ ଚୟନ କରିଥିବା 'ସୂଚନା ଅଧିକାର ମଞ୍ଚ'କୁ ପ୍ରତି ଶିବିର ପିଛା ୩୫ ହଜାର ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି । ସୂଚନା ଅଧିକାର ଆଇନ୍-୨୦୦୫ର ଧାରା ୨୬ ଅନୁଯାୟୀ ରାଜ୍ୟ ସରକାର ଜନ-ସଚେତନତା କାର୍ଯ୍ୟକ୍ରମ ନିରନ୍ତର ଭାବେ ଆୟୋଜନ କରିଚାଲିବେ, ଯାହାକି କମିଶନଙ୍କ କାର୍ଯ୍ୟନୁହେଁ । ବରଂ ଧାରା ୨୫ ଅନୁଯାୟୀ କମିଶନଙ୍କର ଏକ ତଦାରଖକାରୀ ଭୂମିକା ରହିଛି, ଯାହା ବଳରେ ସରକାର ଆଇନକୁ ସଠିକ୍ ରୂପେ ଅନୁପାଳନ ସହିତ ଜନସଚେତନତା କାର୍ଯ୍ୟକ୍ରମ ବିଧିବଦ୍ଧଭାବେ କରୁଛନ୍ତି କି ନାହିଁ, ତାହା କମିଶନ୍ ଅନୁଧ୍ୟାନ କରିବେ ତଥା ଆବଶ୍ୟକସ୍ଥଳେ ଭୁଲ୍‌ର ସଂଶୋଧନ ପାଇଁ ତାଗିଦ୍ ଏବଂ ପରାମର୍ଶ ପ୍ରଦାନ କରିବେ । ଆଇନ୍‌ର ଏହି ସୁସ୍ପଷ୍ଟ ନିର୍ଦ୍ଦେଶନାମାକୁ କେନ୍ଦ୍ର ଓ ଅନ୍ୟ ସମସ୍ତ ରାଜ୍ୟର ସରକାର ତଥା ସୂଚନା କମିଶନମାନେ ମାନି ଚଳୁଥିବା ବେଳେ କେବଳ ଓଡିଶାରେ ହିଁ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଲା- କମିଶନ୍ ବରପିତା ହେବେ କ'ଣ ନିଜେ ବରବେଶ ହୋଇ ବେଦୀରେ ବସି ପଡିଲେ । ଯାହାହେଉନା କାହିଁକି, ଏହା ଏକ ବୈଧାନିକ ପ୍ରଶ୍ନ, ଯାହା ବିଷୟରେ ସଂପୃକ୍ତ ଉଚ୍ଚକର୍ତ୍ତୃପକ୍ଷଙ୍କ ସ୍ତରରେ ବିଶଦ୍ ଚର୍ଚ୍ଚା ହେବା ସହିତ ସାଧାରଣ ନାଗରିକମାନେ ମଧ୍ୟ ସଜାଗ ରହିବା ନିହାତି ଜରୁରୀ । କିନ୍ତୁ ବର୍ତ୍ତମାନ ଏହି ଲେଖାର ମୂଳ ଜିଜ୍ଞାସା ହେଲା, ରାଜକୋଷରୁ ଏତେ ବିପୁଳ ଅର୍ଥବ୍ୟୟରେ କମିଶନଙ୍କ ଦ୍ୱାରା ଆୟୋଜିତ ସୁଦୀର୍ଘ ଜନସଚେତନତା କାର୍ଯ୍ୟକ୍ରମ ଦ୍ୱାରା କି ସୁଫଳ ମିଳିଛି ?

## ସୂଚନା ଶିବିରର ଅନୁଭୂତି

କମିଶନଙ୍କ ଅନୁଦାନ କ୍ରମେ ନଭେମ୍ବର ମାସରେ ଚାଲୁଥିବା ୧୦ଦିନିଆ ସୂଚନା ଶିବିରଗୁଡିକ ଭିତରୁ କେଉଁଝରରେ ଅନୁଷ୍ଠିତ ଶିବିରକୁ ଯିବା ଓ ତହିଁର ଆୟୋଜକ-ସାଥୀମାନଙ୍କ ଗହଣରେ ବେଶ୍ କିଛି ସମୟ କଟାଇବାର ଏକ ଫଳପ୍ରଦ ସୁଯୋଗ ଏହି ଲେଖକକୁ ମିଳିଥିଲା । କମିଶନଙ୍କ ତରଫରୁ କି କି ପ୍ରଶିକ୍ଷଣ ବା ପ୍ରସାର ସାମଗ୍ରୀ ମିଳିଛି ?- ଏକଥା ପଚାରନ୍ତେ, ସେହି ସାଥୀମାନେ କମିଶନଙ୍କ ନାଁରେ ପ୍ରକାଶିତ କେତେକ ପୋଷ୍ଟର୍ ସହିତ ଓଡିଶା ସରକାରଙ୍କ ନିୟମାବଳୀ-୨୦୦୫ ଅନ୍ତର୍ଗତ ଫର୍ମ-ଏ, ଡି. ଏବଂ ଇ. ଦେଖାଇଲେ । କିନ୍ତୁ ବିସ୍ମୟର କଥା, କମିଶନଙ୍କ ତରଫରୁ ଶିବିରକୁ ମୂଳ ଆଇନ୍ କି କେନ୍ଦ୍ର ଅଥବା ରାଜ୍ୟ ସରକାରଙ୍କ ମୂଳ ଓ ସଂଶୋଧିତ ନିୟମାବଳୀ ଦିଆଯାଇନି । ସେହି ଶିବିରରେ ରହଣି କାଳରେ ଜଣେ ନାଗରିକ ସଙ୍ଗରେ ଫର୍ମ-କ ଆଣି ମୋତେ ପଚାରିଲେ, ସେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ସୂଚନା ପାଇଁ ଆବେଦନ କରିବାକୁ ଚାହାଁନ୍ତି, ତେଣୁ କିପରି ଫର୍ମ ପୂରଣ କରିବେ ? ପ୍ରଥମେ ମୋତେ ବୁଝାଇବାକୁ ପଡିଲା, ସେହି ବ୍ୟାଙ୍କଟି କେନ୍ଦ୍ର ସରକାରଙ୍କ ଅଧିନରେ ଥିବାରୁ, ଫର୍ମ-'କ'ର ଆବଶ୍ୟକତା ନାହିଁ କି ଭୋଟର୍ କାର୍ଡ କି ପାସ୍‌ପୋର୍ଟର ନକଲ କି ପିତାଙ୍କ ନାମ କି ସ୍ଥାୟୀ ଠିକଣା ଦେବାର ଆବଶ୍ୟକ ନାହିଁ; ସାଦା କାଗଜରେ କି ସୂଚନା ଚାହୁଁଛନ୍ତି ସେ ବିଷୟ ସହିତ କେବଳ ଯୋଗାଯୋଗ ଠିକଣା ଲେଖିଲେ ଯଥେଷ୍ଟ ହେବ; ପୁଣି ଟ୍ରେଜେରି ଚାଲାଣ ଦରକାର ନାହିଁ, କେବଳ ପୋଷ୍ଟ ଅଫିସ୍ ଯାଇ ସେଠାରୁ ୧୦ଟଙ୍କାର ପୋଷ୍ଟାଲ୍ ଅର୍ଡର ନେଇ ଦରଖାସ୍ତ ସହିତ ଗୁନ୍ଥି ଦେଲେ ଚଳିବ । ଏକଥା ଶୁଣି ସେ ମୋତେ ପୁଣି ପଚାରିଲେ, କେନ୍ଦ୍ର ସରକାର ଏପରି ଏକ ସହଜିଆ ବ୍ୟବସ୍ଥା କରିଥିବା ବେଳେ ଓଡିଶା ସରକାରଙ୍କ ବ୍ୟବସ୍ଥା ଏତେ ଜଟିଳ କାହିଁକି ? ସମଗ୍ର ବ୍ୟାପାରଟିକୁ ବୁଝାଇବା ପାଇଁ ସମୟ ନଥିବାରୁ ତାଙ୍କୁ 'ଓଡିଶା ଖାଦ୍ୟ ଅଧିକାର ଅଭିଯାନ' ତରଫରୁ ପ୍ରକାଶିତ ପୁସ୍ତିକା 'ଓଡିଶା ସୂଚନା ଅଧିକାର ନିୟମାବଳୀ ଅବୈଧ ଓ ଉଦ୍ଭଟ କାହିଁକି ?' ଦେବା ସହିତ ଉପସ୍ଥିତ ସୂଚନା କର୍ମୀଙ୍କ ଠାରୁ ଏ ବିଷୟରେ ସ୍ପଷ୍ଟୀକରଣ ମାଗିବା ପାଇଁ ପରାମର୍ଶ ଦେଇ ସେଠାରୁ ଫେରିଥିଲି । କେବଳ କେଉଁଝର ନୁହେଁ, ରାଜ୍ୟର ବିଭିନ୍ନ ଜାଗାରେ ସୂଚନା କମିଶନଙ୍କ ପୃଷ୍ଠପୋଷକତାରେ ହୋଇଥିବା ସୂଚନା ଶିବିରର କର୍ମୀମାନଙ୍କ ସହ ଆଲୋଚନା କରି ଏ ଲେଖକ ଜାଣିବାକୁ ପାଇଛି ଯେ, ସେମାନଙ୍କୁ ମୂଳ ଆଇନ୍ ସମ୍ବନ୍ଧରେ ସାମଗ୍ରୀକ ଧାରଣା ଦିଆନଯାଇ କିମ୍ବା କେନ୍ଦ୍ର ନିୟମାବଳୀ ସମ୍ବନ୍ଧରେ କିଛି ନଜଣାଇ କେବଳ ଏକତରଫା ଭାବେ ଓଡିଶା ନିୟମାବଳୀର ଫର୍ମ-କ, ଘ ଓ ଙ (ଯଥାକ୍ରମେ ଦରଖାସ୍ତ, ପ୍ରଥମ ଅପିଲ୍ ଓ ଦ୍ୱିତୀୟ ଅପିଲ୍ ପାଇଁ ଉଦ୍ଦିଷ୍ଟ) କିପରି ପୂରଣ କରିବାକୁ ପଡିବ ଏବଂ କେଉଁ ବାବଦରେ କେତେ ଦାମ୍ ଦେବାକୁ ପଡିବ, ସେତିକି ମାତ୍ର ସୂଚନା ଦିଆଯାଇଛି ।

## କମିଶନଙ୍କ ବେନାମୀ ପ୍ରଶିକ୍ଷଣ ପୁସ୍ତିକା

ଗତ ୭ ନଭେମ୍ବରରେ ଏହି ଲେଖକଙ୍କୁ ସୁଯୋଗ ମିଳିଥିଲା, ବରଗଡ ଜିଲ୍ଲାର ପଦ୍ମପୁରଠାରେ ସବ୍-ଡିଭିଜନ୍ ପ୍ରଶାସନ ଓ ସାମୁହିକ ମରୁଡି ପ୍ରତିକାର ଉଦ୍ୟମ ନେଟ୍‌ୱାର୍କର ମିଳିତ ସହଯୋଗରେ ଅନୁଷ୍ଠିତ ବ୍ଲକ୍-ସ୍ତରୀୟ ସୂଚନା ଅଧିକାର କର୍ମଶାଳାରେ ଯୋଗଦେଇ ନିଜର ବକ୍ତବ୍ୟ ରଖିବାକୁ । ସେଠାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଏବଂ ଉପ-ଜିଲ୍ଲାପାଳ ମଧ୍ୟ ଉପସ୍ଥିତ ଥିଲେ । ଆଲୋଚନା କ୍ରମରେ ମୋର ଏକ ପ୍ରଶ୍ନ ଥିଲା- ଯେତେବେଳେ ଇଂରାଜୀରେ ଲେଖା ମୂଳ ଆଇନ୍ ଓ ଏହାର ସରକାରୀ ଓଡିଆ ଅନୁବାଦରେ ସ୍ପଷ୍ଟଭାବେ ଲେଖାଯାଇଛି ଯେ, ସମୁଚିତ ସରକାରଙ୍କ ଦ୍ୱାରା ଚିହ୍ନିତ ବି.ପି.ଏଲ୍. ପରିବାରଙ୍କ ପାଇଁ ୩ପ୍ରକାର ଫିସ୍ (ଯଥା- ଦରଖାସ୍ତ ଫିସ୍, ସୂଚନାର ମୂଲ୍ୟ ବାବଦ ଫିସ୍ ଏବଂ ଇଲେକ୍ଟ୍ରନିକ ମାଧ୍ୟମର ଫିସ୍) ଭିତରୁ

କୌଣସି ଫିସ୍ ଲାଗୁ ହେବନାହିଁ (ଦ୍ରଷ୍ଟବ୍ୟ- ଧାରା ୭-୫), ଏବଂ ପୁଣି ଯେତେବେଳେ ରାଜ୍ୟ ସରକାର ଓ ସୂଚନା କମିଶନ୍‌ଙ୍କ ୱେବ୍‌ସାଇଟ୍‌ରେ ସ୍ଥାନିତ ହୋଇଥିବା 'ପୁନଃପୁନଃ ପ୍ରଶ୍ନ'ର ବିନ୍ଦୁ-୧୫ରେ ଏହି ମର୍ମରେ ସରଳାର୍ଥ କରାଯାଇଛି, ସେତେବେଳେ ରାଜ୍ୟ ସରକାରଙ୍କ ଅଫିସର୍‌ମାନେ କେବଳ ଦରଖାସ୍ତ ଫିସ୍ ଛଡା ଅନ୍ୟ ୨ଟି ଫିସ୍ ବି.ପି.ଏଲ୍. ବ୍ୟକ୍ତିଙ୍କ ପାଇଁ ଲାଗୁ ହେବ ବୋଲି କହିବାର କି ଯଥାର୍ଥତା ଅଛି ? ପୁଣି, ଯଦିଓ ଓଡିଶା ସୂଚନା ଅଧିକାର ନିୟମାବଳୀର ନିୟମ ୪-୧ର ପରନ୍ତୁକରେ ଲେଖାଅଛି ଯେ ବି.ପି.ଏଲ୍. ଙ୍କ ପାଇଁ ଦରଖାସ୍ତ ଫିସ୍ ଛାଡ କରାଯାଇଛି, କିନ୍ତୁ ଅନ୍ୟ ୨ଟି ଫିସ୍ ସେମାନଙ୍କ ଠାରୁ ଆଦାୟ ହେବ ବୋଲି କୌଣସି ଜାଗାରେ ଲେଖା ଅଛି କି ? ଏହି ପ୍ରଶ୍ନ ପଚାରନ୍ତେ, ସବ୍-ଡିଭିଜନ୍‌ର ସହକାରୀ ଜନସୂଚନା ଅଧିକାରୀ ତୁରନ୍ତ ଠିଆ ହୋଇ ଏକ ଦଲିଲ୍ ପଢିବାକୁ ଆରମ୍ଭ କଲେ, ଯେଉଁଥିରେ ସଂପୃକ୍ତ ବିଷୟରେ ଲେଖାଅଛି – "ତେବେ ଦରଖାସ୍ତ ଦେବାପାଇଁ ବି.ପି.ଏଲ୍. ପରିବାରର ମୁଖ୍ୟଙ୍କୁ ପଇସା ଦେବାକୁ ପଡିବ ନାହିଁ । .. କିନ୍ତୁ ସୂଚନା ପାଇଁ ଯଥା ଫଟୋକପି ବା ସିଡି ଇତ୍ୟାଦି ଆକାରରେ ଅନ୍ୟମାନଙ୍କୁ ଯାହା ପଇସା ପଡିବ ବି.ପି.ଏଲ୍ ପରିବାର ମଧ୍ୟ ସେହି ପଇସା ଦେବେ ।" ଏହି ଦଲିଲ୍‌ଟି ସେ କେଉଁଠୁ ପାଇଲେ ବୋଲି ପୁଣି ପଚାରନ୍ତେ, ସେ କିହିଲେ, ସୂଚନା କମିଶନ୍‌ଙ୍କ ଠାରୁ । ଉପସ୍ଥିତ ଥିବା ସବ୍‌ଡିଭିଜନ୍ ଜନସୂଚନା ଅଧିକାରୀ ମଧ୍ୟ ସ୍ୱୀକାର କଲେ ଯେ, ସେ ମଧ୍ୟ ଏହିଭଳି ଏକ ପୁସ୍ତିକା ଭୁବନେଶ୍ୱର ଗୋପବନ୍ଧୁ ଏକାଡେମିରେ ସୂଚନା କମିଶନ୍‌ଙ୍କ ଆୟୋଜିତ ତାଲିମ୍ ଶିବିରରୁ ପାଇଥିଲେ । ଆଶ୍ଚର୍ଯ୍ୟ ହୋଇ ସେହି ଦଲିଲ୍‌ଟିକୁ ଭଲ କରି ଦେଖିଲି ଏବଂ ବିସ୍ମିତ ହେଲି ଯେ, ମୋଟ ୨୪ଟି ବିନ୍ଦୁ ବିଶିଷ୍ଟ ପ୍ରଶ୍ନୋତ୍ତରକୁ ନେଇ ପ୍ରସ୍ତୁତ ଏହି ପୁସ୍ତିକାର ଶିରୋନାମା ରଖାଯାଇଛି "ସୂଚନା ଅଧିକାର ଆଇନ୍ ୨୦୦୫- କେତୋଟି ଜାଣିବା କଥା", କିନ୍ତୁ ଏହାକୁ କିଏ ଲେଖିଛି ଏବଂ ପ୍ରକାଶ କରିଛି, କେବେ ଓ କେଉଁ ଉଦ୍ଦେଶ୍ୟରେ- ଏସବୁ ବିଷୟରେ କିଛି ସୂଚିତ ହୋଇନାହିଁ । ତେଣୁ ଏହି ଲେଖକ ସେଠାରେ ପାଲଟା ପ୍ରଶ୍ନ କରିଥିଲା, "ଏକ ବେନାମୀ ପୁସ୍ତିକାର ଆଧାରରେ ମୂଳ ଆଇନ୍ ଏବଂ ଓଡିଶା ନିୟମାବଳୀ ସମ୍ବନ୍ଧରେ କଦର୍ଥ କରି ଲୋକମାନଙ୍କୁ କେବଳ ମୌଖିକ ଭାବେ ବୁଝାଇବାରେ କି ଯଥାର୍ଥତା ଅଛି ?" ମଜାର କଥା ହେଉଛି, ଯଦିଓ ଏହି ପୁସ୍ତିକାର ଶିରୋନାମା ପୁରା ସୂଚନା ଆଇନ୍‌ଟି ପାଇଁ ଉଦ୍ଦିଷ୍ଟ, କିନ୍ତୁ ବସ୍ତୁତଃ ଏହା କେବଳ ଓଡିଶା ନିୟମାବଳୀକୁ ହିଁ ପ୍ରାଧାନ୍ୟ ଦେଇଛି । ଯଥା, ବିନ୍ଦୁ-୧୨ରେ କୁହାଯାଇଛି ଯେ, ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଲେଖି ୧୦ଟଙ୍କାର ଦରଖାସ୍ତ ଫିସ୍‌କୁ ନଗଦ ଅର୍ଥ ବା ଟ୍ରେଜେରି ଚାଲାଣ ଜରିଆରେ ଦେବାକୁ ପଡିବ । କିନ୍ତୁ ପାଠକେ ଜାଣିଥିବେ, କେନ୍ଦ୍ରୀୟ ନିୟମାବଳୀ ଅନୁଯାୟୀ କୌଣସି ନିର୍ଦ୍ଧାରିତ ଫର୍ମ ନାହିଁ ଏବଂ ଟ୍ରେଜେରି ଚାଲାଣର ବ୍ୟବସ୍ଥା ମଧ୍ୟ ନାହିଁ; ନଗଦ ଅର୍ଥ ବା ବ୍ୟାଙ୍କ ଡ୍ରାଫ୍ଟ ବା ପୋଷ୍ଟାଲ୍ ଅର୍ଡର ମାଧ୍ୟମରେ କେବଳ ଦରଖାସ୍ତ ଫିସ୍ ନହେଁ, ଯେ କୌଣସି ଫିସ୍ ମଧ୍ୟ ଦାଖଲ କରିହେବ । ପାଠକେ ଜାଣିଥିବେ, ଓଡିଶା ନିୟମାବଳୀର ଉପରୋକ୍ତ ଜଟିଳ ଫିସ୍ ପ୍ରଦାନ ବ୍ୟବସ୍ଥା ଯୋଗୁଁ କିପରି ସାଧାରଣ ଲୋକେ ସୂଚନା ପାଇଁ ଆବେଦନ କରିବାରେ ହତାଶ ହେଉଛନ୍ତି, ସୂଚନା ପାଇବା ଦୂରର କଥା । ଆଉ ଗୋଟିଏ ଦୃଷ୍ଟାନ୍ତ ହେଲା, ପୁସ୍ତିକାର ବିନ୍ଦୁ ୨୪ରେ ଦର୍ଶାଯାଇଛି ଯେ, କେବଳ ନିର୍ଦ୍ଧାରିତ ଫର୍ମରେ ଏବଂ ଉଦ୍ଦିଷ୍ଟ କୋର୍ଟ ଫିସ୍ ଲଗେଇ ଜଣେ ବ୍ୟଥିତ ନାଗରିକ ପ୍ରଥମ ଏବଂ ଦ୍ୱିତୀୟ ଅପିଲ୍ କରିପାରନ୍ତି, ଯାହାକି ଓଡିଶା ନିୟମାବଳୀ କହିଛି, ଏବଂ ଯାହା ଫଳରେ ଗାଁଗହଳିର ଲୋକେ ଅପିଲ୍ କରିବାରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କିନ୍ତୁ ପାଠକେ ଜାଣିଥବେ, ମୂଳ ଆଇନ୍ କି କେନ୍ଦ୍ରୀୟ ନିୟମାବଳୀରେ ସାଧାରଣ ଲୋକଙ୍କ ସୁବିଧା ପାଇଁ କୌଣସି ଫର୍ମ କିମ୍ୱା କୌଣସି ଫିସ୍ ବିହିତ ହୋଇନାହିଁ ।

**ସୂଚନା ଶିବିର ପଛରେ ଅସଲ ଅଭିସନ୍ଧି**

ସୂଚନା ଆଇନ୍ ସମ୍ବନ୍ଧରେ ସଠିକ୍ ଜ୍ଞାନନଥିବା ଅନେକ ଲୋକଙ୍କର ଭ୍ରମ ଧାରଣା ସୃଷ୍ଟି ହୋଇଛି ଯେ, ରାଜ୍ୟ ସୂଚନା କମିଶନ୍ ଯାହାହେଉ ଲୋକଙ୍କୁ ସଚେତନ କରିବା ପାଇଁ ଠାଏଠାଏ ସୂଚନା ଶିବିରମାନ ଆୟୋଜନ କଲେ । କିନ୍ତୁ ଏ ଲେଖକ ମନେ କରେ, ଅର୍ଦ୍ଧସତ୍ୟ ବା ବିକୃତ ସତ୍ୟ ହେଉଛି ମିଥ୍ୟା ବା ଅଜ୍ଞତାଠାରୁ ବହୁଗୁଣରେ ବିପଜ୍ଜନକ । ସେହି ନ୍ୟାୟରେ ସୂଚନା ଆଇନ୍ ସମ୍ବନ୍ଧରେ ଲୋକେ ବିଳମ୍ବରେ ହେଲେ ବି ଆପେ ଜ୍ଞାନ ଆହରଣ କରିବା ବରଂ ଶ୍ରେୟସ୍କର, କିନ୍ତୁ ରାଜକୋଷରୁ ବିପୁଳ ଅର୍ଥବ୍ୟୟ କରି ଖୋଦ୍ କମିଶନ୍ କି ସରକାରଙ୍କ ତରଫରୁ ସେମାନଙ୍କୁ ଏହି ଆଇନ୍ ସମ୍ବନ୍ଧରେ ସଂଗଠିତ ଭାବେ ଏକ ବିକୃତ ଓ ବିଭ୍ରାନ୍ତ ଧାରଣା ପରିବେଷଣ କରିବା ଘୋର ମାରାତ୍ମକ । ପୁଣି ଏହି ଲେଖକ ମତରେ ରାଜ୍ୟର ଅସାଧୁ ଅମଲାଗୋଷ୍ଠୀଙ୍କ ସ୍ୱାର୍ଥକୁ ସୁହାଉଥିବା ବର୍ତ୍ତମାନର ଅବୈଧ ଓ ଜନବିରୋଧୀ ରାଜ୍ୟ ନିୟମାବଳୀକୁ ଲୋକଙ୍କ ନିକଟରେ ଗ୍ରହଣୀୟ କରିନେବା ପାଇଁ ରାଜ୍ୟ ସୂଚନା କମିଶନ୍ ଜାଣିଶୁଣି ଉପରୋକ୍ତ ସୂଚନା-ଶିବିର ପାଲା ଆରମ୍ଭ କରିଛନ୍ତି । ଉଦାହରଣ ସ୍ୱରୂପ, କମିଶନ୍ ପ୍ରତି ଶିବିର ପାଇଁ ୩୫ହଜାର ଟଙ୍କାର ଅର୍ଥମଞ୍ଜୁରି ସୂଚିତ କରି ଗତ ନଭେମ୍ବର ପ୍ରଥମ ସପ୍ତାହରେ ଜିଲ୍ଲାପାଳମାନଙ୍କୁ ଦେଇଥବା ଚିଠିର ଦ୍ୱିତୀୟ ଅନୁଚ୍ଛେଦରେ ଲେଖାଯାଇଛି ଯେ, ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, କର୍ମୀମାନେ ଲୋକଙ୍କୁ ପ୍ରବର୍ତ୍ତେଇ କେତେ ଅଧିକ ସଂଖ୍ୟକ ଦରଖାସ୍ତ ଫର୍ମ ପୂରଣ କରି ସଂପକ୍ତ ଦପ୍ତରଗୁଡିକୁ ପଠାଇପାରିବେ । କିନ୍ତୁ ସମସ୍ତେ ଜାଣନ୍ତି ଯେ, ମୂଳ ଆଇନ୍ କେବଳ ଦରଖାସ୍ତ-ଭିତ୍ତିକ ସୂଚନା ପ୍ରଦାନ (ଧାରା୬-୧)ଉପରେ ଗୁରୁତ୍ୱ ଦେଇନି, ବରଂ କହିଛି ଯେ, ଜନକର୍ତ୍ତୃପକ୍ଷମାନେ ନିଜ ତରଫରୁ ସ୍ୱତଃପ୍ରବୃତ୍ତ ଭାବେ ନିଜର ସୂଚନାଗୁଡିକୁ ଏମିତି ବିଭିନ୍ନ ମାଧ୍ୟମରେ ବିତରଣ କରିବେ, ଯାହାଫଳରେ ଲୋକେ ଏହି ଆଇନ୍‌ର ଆଶ୍ରୟ ନେବାକୁ ଚାହିଁବେନି (ଧାରା୪-୨), ପୁଣି ଏହିସବୁ ସ୍ୱୟଂପ୍ରକଟନୀୟ ସୂଚନାଗୁଡିକୁ ସେମାନେ ଲୋକଙ୍କୁ ସ୍ଥାନୀୟ ଭାଷାରେ ତଥା ମାଗଣାରେ କିମ୍ୱା କେବଳ ମୁଦ୍ରଣ ମୂଲ୍ୟ ବିନିମୟରେ ଯୋଗାଇଦେବେ (ଧାରା୪-୪), ଏବଂ ଏହିସବୁ ସୂଚନାଗୁଡିକୁ ଲୋକେ ସଂପୃକ୍ତ ଦପ୍ତରକୁ ଯାଇ ତତ୍‌କ୍ଷଣାତ୍ ନିରୀକ୍ଷଣ ବା ଇନ୍‌ସ୍ପେକସନ୍ କରିପାରିବେ (ସ୍ପଷ୍ଟୀକରଣ) । ସୁତରାଂ କମିଶନ୍‌ଙ୍କ ଚିଠିର ସଂକୁଚିତ ଉଦ୍ଦେଶ୍ୟ ଏବଂ ଏକପାଖିଆ ତାଲିମ୍‌ପଦ୍ଧତିରୁ ଏହା ସ୍ପଷ୍ଟ ଅନୁମେୟ ଯେ, ସୂଚନା ଶିବିରର ଉଦ୍ଦେଶ୍ୟ ନଥିଲା, ସୂଚନା ଅଧିକାର ଆଇନ୍ ବଳରେ ଲୋକଙ୍କୁ ମିଳିଥିବା ବ୍ୟାପକ ଓ ସାର୍ବଭୌମ ଅଧିକାର ସମ୍ବନ୍ଧରେ ସେମାନଙ୍କୁ ସଚେତନ କି କ୍ରିୟାଶୀଳ କରେଇବା, ବରଂ ଏହା ଉଦ୍ଦିଷ୍ଟ ଥିଲା, ନ୍ୟସ୍ତସ୍ୱାର୍ଥୀ ଅମଲାଗୋଷ୍ଠୀଙ୍କ ସ୍ୱାର୍ଥରେ ପ୍ରସ୍ତୁତ ହୋଇଥିବା ଅବୈଧ ଓ ଜନବିରୋଧୀ ଓଡିଶା ନିୟମାବଳୀ ପଛରେ ଲୋକସମର୍ଥନ ଜୁଟାଇବା ।

**Chitta Behera, 4A Jubilee Tower, Choudhury Bazar, Cuttack-9, chittabehera1@yahoo.co.in**
**PH: 0671-2308518 (res), Mobiles: 9861091455 and 9437577546, website: www.orissarti.com Dated 6 Jan 2007**